## ସଂକ୍ଷେପରେ

### ବାଲିଘାଟ ନିଲାମ ବନ୍ଦ ଦାବି

**ଭଦ୍ରକ ଅଫିସ, ୨୦।୧୨:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀ ପଣଷମାହାରା ବାଲିଘାଟ ନିଲାମ ବନ୍ଦ ଲାଗି ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସେମାନେ ଜିଲାପାଳ, ତହସିଲଦାର ଓ ଜଳସେଚନ ବିଭାଗ ଅଧିକାରୀଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଏହି ବାଲିଘାଟ ନିଲାମ ହେଲେ ଆନନ୍ଦପୁର ପଞ୍ଚାୟତ ପ୍ରତି ବିପଦ ଦେଖାଦେବ। ଏଠାରୁ ବାଲି ଉଠିବା ଦ୍ୱାରା ନଦୀପଠା ଧସିବା, ଗାଁରେ ଜଳ ସଙ୍କଟ ସହ ସଡ଼କ ଦୁର୍ଘଟଣା ଓ ପ୍ରଦୂଷଣ ଭଳି ଗୁରୁତର ସମସ୍ୟା ଉପୁଜିବ ବୋଲି ଗ୍ରାମବାସୀ ଅଧିକାରୀଙ୍କ ନିକଟରେ ଦର୍ଶାଇଛନ୍ତି।

### ୪ ମଦ ବ୍ୟବସାୟୀ ଗିରଫ

**ପାଟଣା, ୨୦।୧୨(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନାଧିକାରୀ ଜନାର୍ଦ୍ଦନ ପଲେଇ ଓ ଚମ୍ପୁଆ ଅବକାରୀ ଥାନା ଅଧିକାରୀ ଗୋବିନ୍ଦ ନାଏକ ଓ କର୍ମଚାରୀ ସୋମବାର ତୁରୁମୁଙ୍ଗା ଥାନା ଅଞ୍ଚଳରେ ମିଳିତଭାବେ ଚଢ଼ାଉ କରି ୬୩ ଲିଟର ମହୁଲି ମଦ ଜବତ କରିବାସହ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଦାଶରଥିପୁର ଗ୍ରାମର ପଦ୍ମାବତୀ ମାଝୀ, ଗୁଡିପୋଖରୀ ଗ୍ରାମର ଗୀତା ମୁଣ୍ଡା, ସବିତା ମୁଣ୍ଡା ଓ କାନ୍ତିଆପଡ଼ାର ଦେବକୀ ବେହେରା।

### ବିତରକଙ୍କୁ ମିଳିଲା ପଞ୍ଜୀକରଣ କାର୍ଡ

**ଚମ୍ପୁଆ, ୨୦।୧୨(ଡି.ଏନ.ଏ):** ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଓଡିଶା ପକ୍ଷରୁ ସୋମବାର ଚମ୍ପୁଆ ଅଞ୍ଚଳର ୪ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବିତରକ ଓମକାର ସାହୁ, ମାନସ ମହାପାତ୍ର, ବିଶିକେଶନ ନାଏକ ଓ ମନୋହର ମହାରଣାଙ୍କୁ ଶ୍ରମ କାର୍ଯ୍ୟାଳୟ ଠାରେ ଚମ୍ପୁଆ ଶ୍ରମ ଅଧିକାରୀ ସୁଶ୍ରୀ ପୁଷ୍ପ ମିଞ୍ଜ ଏହି ପରିଚୟପତ୍ର ବଣ୍ଟନ କରିଥିଲେ।

### ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ବାଙ୍ଗିରିପୋଷି, ୨୦।୧୨(ଡି.ଏନ.ଏ.):** ସ୍ଥାନୀୟ ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡ. ବୀରେନ୍ଦ୍ର ନାଥ ମହାନ୍ତିଙ୍କ ଅଧକ୍ଷତାରେ ସରକାରୀ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ କାଳିଆମୀ ଠାରେ ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ୱାର୍ଡମେମ୍ବର ରବୀନ୍ଦ୍ର ନାଏକଙ୍କ ସହିତ ସ୍କୁଲ ଚେୟାରମ୍ୟାନ ବିନୋଦ ବିନ୍ଧାଣୀ, ସହାୟିକା ଶିକ୍ଷକ ବିକାଶ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିବା ସହିତ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି ଆଶ୍ୱାସନା ଦେଇଥିଲେ । ଏହି ଶିବିରରେ ଯୋଜନା ଅଧିକାରୀଙ୍କ ସହିତ ମୋଟ ୨୫ ଜଣ ସେଚ୍ଛାସେବୀ ରହି ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ ।

### ଯୁବକଙ୍କ ଆତ୍ମହତ୍ୟା

**ଜଳେଶ୍ୱର, ୨୦।୧୨(ଡି.ଏନ.ଏ,):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ନାମ୍ପୋ ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦିଲ୍ଲୀପ କୁମାର ଜେନା। ତାଙ୍କ ମୃତ୍ୟୁପରେ ୩ ନାବାଳକ ପିଲା ଓ ବିଧାବ ସ୍ତ୍ରୀ ଅସହାୟ ହୋଇ ପଡ଼ିଛନ୍ତି । ତାଙ୍କ ପରିବାରକୁ ସରକାରୀ ସହୟତା ଯୋଗାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ପାଟଣାରେ ଆଉଟଡୋର ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ପାଟଣା, ୨୦।୧୨(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟଠାରେ ଶନିବାର ରାତିରେ ପାଟଣା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ୨ଦିନିଆ ଆଉଟ୍‌ଡୋର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ତଥା କ୍ରୀଡ଼ାବିତ ବିବେକାନନ୍ଦ ଦାଶ, ସଙ୍ଗୀତ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାଶ, ଭାଜପା ନେତା ଶବିର ଦାଶ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ାବିତ ଭବେଶ ତ୍ରିପାଠୀ, ସହରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାହାରପଡାକୁ ମଣ୍ଡୁଆ ୨ ସେଟ୍‌ରେ ପରାସ୍ତ କରିଥିଲା। ରେଫରି ଭାବେ ଅଶୋକ କୁମାର ବେହେରା ଓ ସାଜିତ ଆଁଶାରୀ ଖେଳ ପରିଚାଳନା କରିଥିଲେ।

# ‘ବନଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ମିଳିବ’

**ବାରିପଦା ଅଫିସ, ୨୦।୧୨**

### ଜିଲାରେ ବନ ଧନ ବିକାଶ ଯୋଜନାର ଶୁଭାରମ୍ଭ

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପ୍ରୟାସ ହଲ୍‌ରେ ସୋମବାର ଆଦିବାସୀ ସମବାୟ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଟ୍ରାଏଫେଡ) ଆନୁକୂଲ୍ୟରେ ବିଭିନ୍ନ ଯୋଜନାର ଶୁଭାରମ୍ଭ ହୋଇଛି। ସୁଶାସନ ସପ୍ତାହ ପାଳନ ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମସ୍ତ ଯୋଜନାରେ ଆଦିବାସୀ ଏବଂ ବନବାସୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଛନ୍ତି। ରାଜ୍ୟର ପ୍ରଥମ ଜିଲା ଭାବେ ଏଠାରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ବନ୍ୟଜାତ ଦ୍ରବ୍ୟର ନ୍ୟୁନତମ ସହାୟକ ମୂଲ୍ୟ ଯୋଗାଇ ଦିଆଯିବ ବୋଲି ଅବଗତ କରାଯାଇଛି।

ବଣ ଜଙ୍ଗଲ ଘେରା ଏହି ଜିଲାର ଆଦିବାସୀମାନେ ପ୍ରାୟତଃ ବନଜାତ ଦ୍ରବ୍ୟ ସଂଗ୍ରହ କରି ନିକଟସ୍ଥ ହାଟ ବଜାରରେ ବିକ୍ରି କରିଥାନ୍ତି। ଦୀର୍ଘଦିନ ଧରି ସେମାନେ ଅସାଧୁ ବ୍ୟବସାୟୀମାନଙ୍କ କବଳରେ ପଡ଼ି ବନଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇପାରୁ ନ ଥିଲେ। କେନ୍ଦ୍ର ସରକାରଙ୍କ ବନ ଧନ ବିକାଶ ଯୋଜନା ମାଧ୍ୟମରେ ମହୁଲ, ଟୁଲ, ଝୁଣା, ଲାଖ, ହରିଡ଼ା, ବାହାଡ଼ା, ଅଁଳା, ତେନ୍ତୁଳି ପରି ବନଜାତ ଦ୍ରବ୍ୟର ନ୍ୟୁନତମ ବିକ୍ରୟ ମୂଲ୍ୟ ବନବାସୀଙ୍କୁ ପ୍ରଦାନ କରାଯିବ। ଏହାକୁ ନେଇ ବାରିପଦା ଆଇଟିଡିଏ ଆନୁକୂଲ୍ୟରେ ୪, ଉଦଳାରେ ୨, କରଞ୍ଜିଆ ଓ ରାଇରଙ୍ଗପୁରରେ ୩ ଲେଖାଏ ମୋଟ ୧୨ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ବନ ଧନ ଯୋଜନାରେ ସାମିଲ କରାଯାଇଛି। ନିକଟସ୍ଥ ବନବାସୀ ଜଙ୍ଗଲରୁ ସଂଗ୍ରହ କରୁଥିବା ଦ୍ରବ୍ୟ ଏହି ଗୋଷ୍ଠୀ ଜରିଆରେ ବିକ୍ରି କରି ଉଚିତ୍ ମୂଲ୍ୟ ପାଇପାରିବେ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରତି ଗୋଷ୍ଠୀକୁ ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବ। ବନଜାତ ଦ୍ରବ୍ୟକୁ ଉନ୍ନତମାନର ପ୍ୟାକିଂ କରି ଏଫ୍‌ଏସ୍‌ଏସ୍‌ଏଆଇ (ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାଡ୍ ଅଥରିଟି ଅଫ୍ ଇଣ୍ଡିଆ) ମାଧ୍ୟମରେ ବଜାରରେ ଉପଲବ୍ଧ କରିପାରିବେ। ସେହିପରି ଟ୍ରାଏଫେଡ୍ ଆନୁକୂଲ୍ୟରେ ଟ୍ରାଇବ୍ସ ଇଣ୍ଡିଆର ଏକ ବିକ୍ରୟ କେନ୍ଦ୍ର ଓଡ଼ିଶାର ପ୍ରଥମ ଥର ପାଇଁ ମୟୂରଭଞ୍ଜରେ ଖୋଲିବାର ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଟୁଡୁ ପ୍ରକାଶ କରିଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ପିଏଆଇଟିଡିଏ ବସନ୍ତ କୁମାର ସେଠୀ, ଟ୍ରାଏଫେଡ୍‌ର ରିଜିଓନାଲ ମ୍ୟାନେଜର ରାହୁଲ କୁମାର ଓ ଧାନ୍ ଫାଉଣ୍ଡେଶନର ମୁଖ୍ୟ ପରିଚାଳକ ପ୍ରଦୀପ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ମହିଳା ମାନେ ଏଥିରେ ସାମିଲ ହୋଇଛନ୍ତି।



ମଞ୍ଚରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

### ବୁଦ୍ଧିଜୀବୀ ସମ୍ମିଳନୀ

**ବାଲେଶ୍ୱର ଅଫିସ, ୨୦।୧୨**

ବାଲେଶ୍ୱର ପାଣିଟାଙ୍କି ସ୍ଥିତ ଆତିଥ୍ୟ ଭବନରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ବୁଦ୍ଧିଜୀବୀ ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ‘ଭାରତୀୟ ସ୍ୱର ଜାଗରଣ ଅତୀତ ବର୍ତ୍ତମାନ ଓ ଭବିଷ୍ୟ’ ବିଷୟ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଭଗବାନ ଦାସ ଖଣ୍ଡେଲୱାଲ ସଭାପତିତ୍ୱ କରିଥିଲେ। ପୂର୍ବତନ ବାୟୁ ସୈନିକ ରମେଶ ଚନ୍ଦ୍ର ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଆଇଟିଆଇର ଅଧ୍ୟାପକ କୃଷ୍ଣ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଶିଷ୍ଟ ଆଇନଜୀବୀ ସର୍ବେଶ୍ୱର ବେହେରା ଯୋଗଦେଇ ଭାରତୀୟ ସଂସ୍କୃତି ଭାରତୀୟତା ପାଇଁ କେତେ ମହତ୍ୱପୂର୍ଣ୍ଣ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସମାରୋହରେ ଅତିଥିମାନଙ୍କ ଦ୍ୱାରା ତିନୋଟି ପୁସ୍ତକ ‘ଏକାତ୍ମ ମାନବ ଦର୍ଶନ’, ‘ପଥିକ ଓ ପାଥେୟ’ ଏବଂ ‘ସ୍ୱାଧୀନତା ସମରରେ ଓଡ଼ିଶାର ଅମର ଯୋଦ୍ଧା’ ଉନ୍ମୋଚନ କରାଯାଇଥିଲା।

# ଜିଲାସ୍ତରୀୟ ନିଯୁକ୍ତି ମେଳା: ୮୦୩ ପଞ୍ଜୀକୃତ

**ଭଦ୍ରକ ଅଫିସ, ୨୦।୧୨**

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୋମବାର ବରପଦା ଇଞ୍ଜିନିୟରିଂ ସ୍କୁଲ ଅଫ୍ ଟେକ୍ନୋଲୋଜି ଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାରେ ୧୧ ପ୍ରତ୍ୟେକ୍ଷ ନିଯୁକ୍ତିଦାତା କମ୍ପାନୀ ଓ ୫ ପ୍ରଶିକ୍ଷଣ ଭିତ୍ତିକ ନିଯୁକ୍ତି ପ୍ରଦାନକାରୀ ଭାବେ ସାମିଲ ହୋଇଥିଲେ। ମୋଟ ୮୦୩ ନିଯୁକ୍ତି ଆଶାୟୀ ନାମ ପଞ୍ଜୀକରଣ କରିଥିଲେ। ୩୧୭ ଯୁବତୀ ଯୁବକଙ୍କୁ ସିଧାସଳଖ ଚାକିରି ପାଇଁ ଚୟନ କରାଯାଇଥିବା ବେଳେ ୨୩୩ ଜଣ ପ୍ରଶିକ୍ଷଣ ଭିତ୍ତିକ ନିଯୁକ୍ତି ଲାଗି ମନୋନୀତ ହୋଇଥିବା ସୂଚନା ମିଳିଛି। ଦ୍ୱିଦିବସୀୟ ଏହି ନିଯୁକ୍ତି ମେଳା ମଙ୍ଗଳବାର ଭଦ୍ରକ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଅସୁରାଳିଠାରେ ଅନୁଷ୍ଠିତ ହେବ।


ନିଯୁକ୍ତି ଆଶାୟୀ ପଞ୍ଜୀକରଣ କରୁଛନ୍ତି।

# ନିଜ କାର୍ଯ୍ୟକାଳର ଅନୁଭୂତି ବଖାଣିଲେ

**ସୋର, ୨୦।୧୨(ଡି.ଏନ.ଏ)**

ବାଲେଶ୍ୱର ଜିଲା ସୋର ପଞ୍ଚାୟତ ସମିତିର ଶେଷ ବୈଠକ ରବିବାର ଅଧକ୍ଷା ଅତସୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଅତିଥି ଭାବେ ଉପାଧ୍ୟକ୍ଷ ରତିକାନ୍ତ ମହାନ୍ତିଙ୍କ ସହ ବିଧାୟକ ପ୍ରତିନିଧି ଦିପ୍ତୀକାନ୍ତ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇ ନିଜ ନିଜ କାର୍ଯ୍ୟକାଳ ସମୟର ଅନୁଭୂତି ବଖାଣି ଥିଲେ। ଏହି ଅବସରରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁଇ ଓଳି ପରିବର୍ତ୍ତେ ଗୋଟିଏ ଓଳି ଖାଦ୍ୟ ଦିଆଯାଉଥିବା ନେଇ ପାଖର ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ସତ୍ୟନାରାୟଣ ମହାପାତ୍ର, ଶ୍ରୀକାନ୍ତ ଜେନା, ଅସୀତ ଲେଙ୍କା ଓ ବଉଳବାଳା ନାଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ଜିପିଓ ସୁଧୀର କୁମାର ସାହୁ, ଆକାଉଣ୍ଟସ୍ ଅଫିସର ମୃଣାଳକାନ୍ତ ଦାଶ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ତରୁଣକାନ୍ତ ନନ୍ଦୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

### ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା

**ଭଦ୍ରକ ଅଫିସ, ୨୦।୧୨**

ଭଦ୍ରକ ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଜନତା ସେବାକେନ୍ଦ୍ର ଗୃହରେ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୨ ଓ ୨୩ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ସଭାପତି ଭାବେ ଗଗନ ବିହାରୀ ରାଉତ, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ, ଉପସଭାପତି ସୁରେନ୍ଦ୍ର ଚନ୍ଦ୍ର ମଲ୍ଲିକ, ଯୁଗ୍ମ ସମ୍ପାଦକ କଳାକାର ମିଶ୍ର, ସହସମ୍ପାଦକ ଜଗବନ୍ଧୁ ମହାନ୍ତିଙ୍କ ସମେତ ନୂତନ ଉପଦେଷ୍ଟା ମଣ୍ଡଳୀ ଓ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଜାନୁଆରୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚରମ୍ପା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ରୋଗ ନିରୂପଣ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି।

# ଦକ୍ଷତା ପ୍ରଦର୍ଶନ କଲେ ୬୪୩ କଳାକାର

**ବାସୁଦେବପୁର, ୨୦।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍ ଓ ନୀଳମଣି ଟାଉନହଲ୍ ପରିସରରେ ୩ ଦିନ ଧରି ଚାଲିଥିବା କଳାକାର ଦକ୍ଷତା ପରୀକ୍ଷଣ କାର୍ଯ୍ୟକ୍ରମରେ ୬୪୩ କଳାକାର ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ବ୍ଲକ କଳା ସଂସ୍କୃତି ସଂଘ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ତଥା ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲିକ, ଜିଲା ଯୋଜନା ବିଭାଗ ଅଧିକାରୀ ଉମେଶ ଚନ୍ଦ୍ର ମଲିକ, ବରିଷ୍ଠ କଳାକାର କାଳନ୍ଦୀ ନାୟକ, ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ କୁଶଳ ନାୟକ, ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ମନମୋହନ ସଙ୍ଗୀତ ପରିଷଦର କେଶବ ଚନ୍ଦ୍ର ନାୟକ ପ୍ରମୁଖ ମୂଲ୍ୟାୟନ କରିଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆବେଦନ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ ବିଭାଗରେ ସେମାନଙ୍କ ପାରଦର୍ଶିତା ଦେଖାଇଥିଲେ। ବିଡିଓ ସତ୍ୟଜିତ ରାଉତ, ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ଲିପିପୁଷ୍ପା ଦାସ, ଅଶୋକ ଦାସ, ଅକ୍ଷୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ କଳାକାର।

# ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଯୋଗ ଦେଇଥିବା ଅବସରପ୍ରାପ୍ତ ସେନା କର୍ମଚାରୀ।

**ଖଇରା, ୨୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତଥା ଆଖପାଖ ଅଞ୍ଚଳରୁ ଭାରତୀୟ ପ୍ରତିରକ୍ଷା ବିଭାଗରେ ଦେଶ ପାଇଁ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଯବାନ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର କୁପାରୀ ଅମ୍ବିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ଖଇରା ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି ଓ ତହସିଲଦାର ମହେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା, ଚାଟାର୍ଡ ଆକାଉଣ୍ଟାଣ୍ଟ ରଞ୍ଜନ ସାମଲ, ଗୋଲକ ନାୟକ, କୁଞ୍ଜଲତା ମାହୁନ୍ତ, ସୁବ୍ରତ ସିଂ, ସତ୍ୟବ୍ରତ ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସାମରିକ କର୍ମଚାରୀ ମନମୋହନ ସ୍ୱାଇଁ, ଗୋପାଳ ପାଣିଗ୍ରାହୀ, ରାଧାକୃଷ୍ଣ ମହାପାତ୍ର, ଅଲେଖ ଚନ୍ଦ୍ର ଓଝା, ଚନ୍ଦ୍ରମଣି ମହାପାତ୍ର, ନାରାୟଣ ମହାପାତ୍ର, ଦିଗମ୍ବର ପାଲ ପ୍ରମୁଖ ଯୋଗଦେଇ ଭାବର ଆଦାନ ପ୍ରଦାନ କରିଥିଲେ । ଆଗକୁ କିଭଳି ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତା ଭାବନା ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

### ଏନ୍‌ଏସ୍‌ଏସ୍ ଶିବିର

**ଖୁଣ୍ଟା, ୨୦।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଢୁକୁରା ଭଞ୍ଜଭୂମି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ମହିଳା ଓ ପୁରୁଷ ବିଭାଗର ସ୍ୱତନ୍ତ୍ର ଜାତୀୟ ସେବା (ଏନ୍‌ଏସ୍‌ଏସ୍) ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ ଶେଖର ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ଢୁକୁରା ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାଏକ ଓ ସମିତି ସଭ୍ୟ ସଞ୍ଜୟ କୁମାର ପାତ୍ର ଉପସ୍ଥିତ ଥିଲେ। ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ କୁମାର ଜେନା ଓ ମହିଳା ବିଭାଗର ମୁଝାଫର ଖାନ ଶିବିରାର୍ଥୀଙ୍କୁ ବିଭିନ୍ନ ଜାତୀୟ ସେବା ଯୋଜନା ସମ୍ପର୍କରେ ବୁଝାଇଥିଲେ ।ଶେଷରେ ବିଦ୍ୟାଳୟ ର ବରିଷ୍ଠ କିରାଣୀ ରଘୁନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କମ୍ ଦାମ୍‌ରେ କିଣୁଛନ୍ତି ବେପାରୀ

**ଜଳେଶ୍ୱର, ୨୦।୧୨(ଡି.ଏନ.ଏ.)**

- ୫୪ ପ୍ୟାକ୍ସ ମଧ୍ୟରୁ ଖୋଲିଛି ଗୋଟିଏ ମଣ୍ଡି
- ଶୋଷଣର ଶିକାର ହେଉଛନ୍ତି ଚାଷୀ

ସେବା ସମବାୟ ସମିତି (ପ୍ୟାକ୍ସ)ର ସମ୍ପାଦକମାନେ ଆନ୍ଦୋଳନ ଚଳାଇଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଧାନ ମଣ୍ଡି ଖୋଲିପାରୁନି। ଫଳରେ ୩୦ ହଜାର ପଞ୍ଜୀକୃତ ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଏହି ଚାଷୀମାନଙ୍କଠାରୁ ପ୍ରାୟ ୫ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଥିବା ବେଳେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ୫୪ଟି ପ୍ୟାକ୍ସ ମଧ୍ୟରୁ ମାତ୍ର ଗୋଟିଏ ଖୋଲି ୭୫ କୁଇଣ୍ଟାଲ ଧାନ କିଣିଛି। ଅଭାବୀ ବିକ୍ରି ଯୋଗୁ ଚାଷୀମାନେ ୬ଶହ ଟଙ୍କା କମ୍ ମୂଲ୍ୟରେ ପଶ୍ଚିମବଙ୍ଗ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଛନ୍ତି ।

ଜଳେଶ୍ୱରସ୍ଥିତ ନିୟନ୍ତ୍ରିତ ବଜାର କମିଟିକୁ ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳରେ ଥିବା ୫୪ଟି ସମବାୟ ସମିତି (ପ୍ୟାକ୍ସ)ରୁ ଧାନ କ୍ରୟ ଲାଗି ନିର୍ଦ୍ଦେଶ ରହିଛି। ଭୋଗରାଇ ବ୍ଲକର ମହାଗବ ସେବା ସମବାୟ ସମିତିରେ ମାତ୍ର ୭୫ କୁଇଣ୍ଟାଲ ଧାନ କିଣା ହୋଇଥିବା ସୂଚନା ମିଳିଛି। ଚାଷୀମାନେ ସରକାରୀ ଓ ବେସରକାରୀ ଭାବେ ବହୁ ଅର୍ଥ ଧାର କରଜ କରି ଖରିଫ ଧାନଚାଷ କରିଥିଲେ। ବିହନ କ୍ରୟ, ତଳି ପକାଇବା, ଧାନରୋଇବା, ସାର ଓ କୀଟନାଶକ ବ୍ୟବହାର ପୁଣି ପ୍ରତିକୂଳ ପାଗ ଯୋଗୁ କାଦୁଅ ବର୍ଷାରେ ଧାନ ଅମଳ କରିବାରେ ଏକର ପିଛା ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। କୁଇଣ୍ଟାଲ ପିଛା ସରକାରୀ ମୂଲ୍ୟ ୧୯୬୪ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ପଶ୍ଚିମବଙ୍ଗର ବ୍ୟବସାୟୀ ୧୩୬୫ ଟଙ୍କାରେ ଧାନ କିଣୁଛନ୍ତି। ତେବେ ମଙ୍ଗଳବାର ଅନ୍ୟ ୩ଟି ପ୍ୟାକ୍ସ ଖୋଲିବ ବୋଲି ଜଳେଶ୍ୱରସ୍ଥିତ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବଳରାମ ଜେନା ସୂଚନା ଦେଇଛନ୍ତି। ତୁରନ୍ତ ଅନ୍ୟ ସମସ୍ତ ମଣ୍ଡି ଖୋଲିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୨୦।୧୨**

### ଡେରା ପକାଇଛନ୍ତି ଦଲାଲ

ବାଲେଶ୍ୱର ଜିଲାରେ ଡିସେମ୍ବର ୧୫ରୁ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ଅଧିକାଂଶ ସ୍ଥାନରେ ମଣ୍ଡି ଖୋଲିବାରେ ପ୍ରଶାସନ ବିଫଳ ହୋଇଛି। ସମବାୟ କର୍ମଚାରୀଙ୍କ ଆନ୍ଦୋଳନକୁ ୮ ଦିନ ବିତି ଯାଇଥିଲେ ବି ସମାଧାନର ବାଟ ବାହାରି ପାରିନାହିଁ। ଖରିଫରେ ମୋଟ୍ ୧୪୩ଟି ସୋସାଇଟି ଓ ୨୬ଟି ମଣ୍ଡିରୁ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ଧାନ ବିକ୍ରି ପାଇଁ ୯୪ହଜାର ୧୯୧ ଚାଷୀ ପଞ୍ଜୀକରଣ କରିଥିଲେ। ଯାଞ୍ଚ ପରେ ୨ହଜାର ୧୦୨ ଜଣ ନକଲି ଚାଷୀଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ୯୦ହଜାର ଚାଷୀଙ୍କ ଟୋକନ ଆସି ସାରିଛି। ପ୍ରଥମ ପର୍ଯ୍ୟାୟରେ ୧୭ଲକ୍ଷ ୧୧ହଜାର ୭୭୧ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଯୋଗାଣ ବିଭାଗ ଲକ୍ଷ୍ୟ ରଖିଛି।

ଜିଲାପ୍ରଶାସନ ଧାନ କିଣିବାର ଦାୟିତ୍ୱ ଆରଏମ୍‌ସି (ରେଗୁଲେଟ ମାର୍କେଟିଂ ଏଜେନ୍ସି)କୁ ପ୍ରଦାନ କରିଛି। ୬ଦିନ ମଧ୍ୟରେ ଆର୍‌ଏମ୍‌ସି ପକ୍ଷରୁ ୨୧ଟି ମଣ୍ଡି ଖୋଲା ଯାଇଛି। ୪ଟି ମଣ୍ଡିରେ ଧାନ କିଣା ଆରମ୍ଭ ହୋଇ ମାତ୍ର ୭ଜଣ ଚାଷୀଙ୍କଠାରୁ ୨୬୫ କୁଇଣ୍ଟାଲ ୯୧କେଜି ଧାନ କିଣା ଯାଇଛି। ଜିଲାରେ ବାଲେଶ୍ୱର, ନୀଳଗିରି ଓ ଜଳେଶ୍ୱରରେ ୩ଟି ଆର୍‌ଏମ୍‌ସି ରହିଛି। ବାଲେଶ୍ୱର ଆର୍‌ଏମ୍‌ସି ଅଧୀନରେ ବସ୍ତା, ସଦର, ରେମୁଣା, ସୋର, ବାହାନଗା, ଖଇରା, ସିମୁଳିଆ ଆଦି ୭ଟି ବ୍ଲକର ୭୯ଟି ସେଣ୍ଟର ରହିଛି। ଏଥିପାଇଁ ମାତ୍ର ୧୬ଜଣ କର୍ମଚାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଅନ୍ ସ୍କିଲ୍‌ଡ୍। ଧାନ କିଣିବା ପାଇଁ ପ୍ରଶାସନ ବାରମ୍ବାର ତାଗିଦ୍ କରୁଥିବା ବେଳେ ପ୍ରକୃତ ଭିତ୍ତିଭୂମିକୁ ସଜାଡ଼ିବାର ନାଁ ଧରୁନି ପ୍ରଶାସନ। ଫଳରେ ମଣ୍ଡି ପାଖରେ ଧାନ ବସ୍ତା ଧରି ଚାହିଁ ବସିଛନ୍ତି ହଜାର ହଜାର ଚାଷୀ। ନୀଳଗିରି ଏବଂ ଜଳେଶ୍ୱର ଆର୍‌ଏମ୍‌ସି ସେଣ୍ଟରର ମଧ୍ୟ ଅନୁରୂପ ପରିସ୍ଥିତି। ଏହାର ସୁଯୋଗରେ କମ୍ ମୂଲ୍ୟରେ ଧାନ କିଣିବାକୁ ବାହାର ରାଜ୍ୟରୁ ଦଲାଲ ଆସି ଜିଲାରେ ଡେରା ପକାଇଲେଣି। ଖୁବ୍ ଶୀଘ୍ର ଲାଗି ରହିଥିବା ଅଚଳାବସ୍ଥା ଯଦି ଦୂର ନ ହୁଏ ତେବେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କମ୍ ମୂଲ୍ୟରେ ଦଲାଲଙ୍କୁ ଧାନ ବିକ୍ରି କରିବାକୁ ବାଧ ହେବେ। ଏହାର ସମାଧାନ ପାଇଁ ଜିଲାପ୍ରଶାସନ କୌଣସି ବିକଳ୍ପ ବ୍ୟବସ୍ଥା କରିବାରେ ସକ୍ଷମ ହୋଇପାରୁ ନାହିଁ। ଆରଏମସି ଜରିଆରେ ଧାନ କିଣା ଯିବ ବୋଲି ପ୍ରଶାସନ କହି ଚୁପ୍ ବସିଛି। ଏନେଇ ରସାଳପୁର ଅଞ୍ଚଳର ଚାଷୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସମେତ ବହୁ ଚାଷୀ ମଣ୍ଡି ଖୋଲାଯାଇ ଧାନ ଶୀଘ୍ର କିଣିବା ପାଇଁ ସୋମବାର ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟଙ୍କୁ ପଚାରିବାରୁ ସମବାୟ ସମିତି ଓ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଆଲୋଚନା ଜାରି ରଖିଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯିବ। ପରେ ଧାନ କିଣା ସ୍ୱାଭାବିକ ହେବ ବୋଲି ସେ ପ୍ରକାଶ କରିଛନ୍ତି।


ଆର୍‌ଏମ୍‌ସି ଦ୍ୱାରା ମଣ୍ଡିରୁ ଧାନ କିଣାଯାଉଛି।

